ସୂଚନା ଓ ଲୋକ ସଂପର୍କ ବିଭାଗ
Information & Public Relations Department
Government of Odisha, Bhubaneswar-751001
Phone : (91-674) 2536736 /2390818 (Fax)
e-mail : iprsec.or@nic.in

**News ID-IPR/H&FW (OD)/905/21-12-2020**

## ବୁର୍ଲାସ୍ଥିତ ଭୀମସାରର ଉନ୍ନତି ପାଇଁ ସରକାର ସମସ୍ତ ପ୍ରକାର ପଦକ୍ଷେପ ଗ୍ରହଣ କରୁଛନ୍ତି

**: ମନ୍ତ୍ରୀ ଶ୍ରୀ ଦାସ**

**ଭୁବନେଶ୍ୱର: ୨୧/୧୨**

**ଉନ୍ନତ ସାର୍ବଜନୀନ ସ୍ୱାସ୍ଥ୍ୟ ସେବା ଉପରେ ରାଜ୍ୟ ସରକାର ଅଗ୍ରାଧିକାର ଦେଉଥିବାବେଳେ ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକଙ୍କ** "ସୁସ୍ଥ ଓଡ଼ିଶା ସୁଖୀ ଓଡ଼ିଶା" ଅଭିଯାନକୁ ଅଧିକ ସଶକ୍ତ କରିବା ନିମନ୍ତେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ବ୍ୟାପକ ପଦକ୍ଷେପ ଗ୍ରହଣ କରାଯାଉଛି । ଏହି ପରିପ୍ରେକ୍ଷିରେ ବୁର୍ଲାସ୍ଥିତ ବୀର ସୁରେନ୍ଦ୍ର ସାଏ ମେଡ଼ିକାଲ କଲେଜର ଉନ୍ନତି କରଣ ସଂପର୍କିତ ଏକ ସମୀକ୍ଷା ବୈଠକ ଲୋକ ସେବା ଭବନଠାରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଶ୍ରୀ ନବ କିଶୋର ଦାସଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଅଛି । ବିଭାଗୀୟ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀ ପ୍ରଦୀପ୍ତ କୁମାର ମହାପାତ୍ରଙ୍କ ଉପସ୍ଥିତିରେ ଆୟୋଜିତ ଏହି ବୈଠକରେ ଭିମସାର୍‌ର ଭିତିଭୂମି ଉନ୍ନୟନ ସହିତ ମାତୃ ଓ ଶିଶୁ ହସ୍ପିଟାଲ ପାଇଁ ସ୍ଥାନ ନିରୂପଣ ଓ କାର୍ଯ୍ୟାରମ୍ଭ, କ୍ୟାନସର ହସ୍ପିଟାଲର କାର୍ଯ୍ୟ ଖୁବ୍ ଶୀଘ୍ର ଆରମ୍ଭ ହେବାକୁ ଥିବାବେଳେ ଏହା ସହିତ ଏକ ଟ୍ରମା କେୟାର ୟୁନିଟ୍ ଓ ସମ୍ପ୍ରସାରିତ ଆଇସିୟୁ କମ୍ପ୍ଲେକ୍ସ ପ୍ରତିଷ୍ଠା ଦିଗରେ ଆଲୋଚନା ହୋଇଥିଲା ।

ଚିକିତ୍ସା ସେବା ପାଇବା ପାଇଁ ଦୂର ଦୁରାନ୍ତରୁ ଆସୁଥିବା ରୋଗୀମାନଙ୍କର ସହାୟତା ନିମନ୍ତେ ରୋଗୀମାନଙ୍କ ପାଇଁ ଅଭିଯୋଗ ଶୁଣାଣି ପ୍ରକୋଷ୍ଠ ପ୍ରତିଷ୍ଠା ଦିଗରେ ମନ୍ତ୍ରୀ ଶ୍ରୀ ଦାସ ଗୁରୁତ୍ୱାରୋପ କରିଥିଲେ । ପଶ୍ଚିମ ଓଡ଼ିଶାର ଏହି ପୁରାତନ ପ୍ରତିଷ୍ଠିତ ମେଡ଼ିକାଲ କଲେଜକୁ ଚିକିତ୍ସା କ୍ଷେତ୍ରରେ ଏକ ଆଗୁଆ ଅନୁଷ୍ଠାନରେ ପରିଣତ କରିବା ପାଇଁ ସରକାର ସମସ୍ତ ପ୍ରକାର ପଦକ୍ଷେପ ଗ୍ରହଣ କରୁଛନ୍ତି ।

ଏହି ବୈଠକରେ ଡ଼ିଏମ୍‌ଇଟି ପ୍ର.ଡ଼ା ସି ବି କେ ମହାନ୍ତି, ଭୀମସାରର ନିର୍ଦ୍ଦେଶକ ପ୍ର. ଡ଼ା ଲଳିତ କୁମାର ମେହେର, ବିଭାଗୀୟ ଯୁଗ୍ମ ସଚିବ ଶ୍ରୀ ପ୍ରକାଶ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ ।

ବିଭୁତି ନାୟକ,
ସୂଚନା ଅଧିକାରୀ